# Akashvani, Sambalpur

# SAMBALPURI NEWS EVENING BULLETIN

# 4 June 2026-7.02- 7.12 pm.

---

୧- ସବୁ ପ୍ରାକୃତିକ୍ ବିପର୍ଯ୍ୟୟର୍ କଡ଼ା ମୁକାବିଲା କରିଛେ-ଓଡ଼ିଶା-କହେଲେ ମୁଖ୍ୟମନ୍ତ୍ରୀ ।

- ପୁରୀ ନ ବ୍ରିକ୍ସ ରାଷ୍ଟ୍ର ସମୂହର୍ ୨ ନମ୍ବର୍ ବୈଷୟିକ୍ କାର୍ଯ୍ୟଗୋଷ୍ଠୀ ବୈଠକ୍‌ର ଅନୁଷ୍ଠାନିକ୍ ଭାବେ କଲେ ଉଦ୍‌ଘାଟନ୍ ।

୨- ଓଡ଼ିଶାର୍ ଗୁଟେ ରାଜ୍ୟସଭା ଆସନ୍ ଉପନିର୍ବାଚନ୍ ଲାଗି ବିଜେପି ତର୍‌ଫୁ ପ୍ରାର୍ଥୀ ହେଲେ ଦେବାଶିଷ୍ ସାମନ୍ତରାୟ ।

୩- ଆଇଜିଆଇଟି ସରାଙ୍ଗ୍‌କେ ଏକକ ବିଶ୍ୱବିଦ୍ୟାଳୟ ମାନ୍ୟତା ଲାଗି ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ୍ କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ।

୪- ସମ୍ବଲପୁର୍ ନ ଆଉ କିଛି ସମିଆ ଉତ୍‌ରୁ ମୁଲ୍ ହେବା ସର୍ବଭାରତୀୟ କବାଡ଼ି କପ ପ୍ରତିଯୋଗିତା ।

ଆଉର୍

୫- ଦକ୍ଷିଣ୍ ପଶ୍ଚିମ ମୌସୁମୀ ବାୟୁ ଆଏଜ୍ ପୁହୁଁଚିଲା କେରଳମ୍ ।

ବ୍ରିକ୍ସ ସମ୍ମିଳନୀ        ଆର୍‌ଏନ୍‌ୟୁ/ କଟକ୍

ସବୁ ପ୍ରାକୃତିକ୍ ବିପର୍ଯ୍ୟୟର୍ ଓଡ଼ିଶା କଡ଼ା ମୁକାବିଲା କରିଛେ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ବିପର୍ଯ୍ୟୟ ପରିଚାଳନା ବିପଦ ହ୍ରାସକେ ନେଇକରି ବ୍ରିକ୍ସ ରାଷ୍ଟ୍ର ସମୂହର୍ ୨ ନମ୍ବର୍ ବୈଷୟିକ କାର୍ଯ୍ୟଗୋଷ୍ଠୀ ବୈଠକ୍‌କେ ଆଏଜ୍ ମୁଖ୍ୟମନ୍ତ୍ରୀ ଆନୁଷ୍ଠାନିକ୍ ଭାବେ ଉଦ୍‌ଘାଟନ୍ କରିକରି କହିଛନ୍, ପ୍ରାକୃତିକ୍ ବିପର୍ଯ୍ୟୟ ସମିଆଥି ଶୂନ୍ ମୃତାହତ ଲକ୍ଷ୍ୟ ହାସଲ୍ କରିକରି ରାଜ୍ୟ ସାରା ପୁର୍‌ଥି ନ ପ୍ରଶଂସିତ୍ ହେଇଛେ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ୧୯୯୯ ମହାବାତ୍ୟା କଥା ସୋର୍ ପକେଇଥିଲେ । ବୈଠକ୍‌ନୁ ବାହାରିଥିବା ସାର୍ କଥା ଆଏବା ଦିନେ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରଥି ବ୍ରିକ୍ସ ରାଷ୍ଟ୍ର ଲାଗି ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବା । ନୂଆଁ ଜ୍ଞାନ୍‌କୌଶଲ୍ ଆଉ ବୈଜ୍ଞାନିକ୍ ପଦ୍ଧତିର୍ ଉପଯୋଗ୍‌ଥି ଶୂନ୍ ମୃତାହତ୍ ଲକ୍ଷ୍ୟ ହାସଲ୍ ଦିଗେ ସର୍‌କାର୍‌ଙ୍କର୍ ନିରନ୍ତର୍ ଚେଷ୍ଟା ଜାରି ରହେବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

(ଭିଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ଜଲ୍‌ବାୟୁ ପରିବର୍ତନ୍ ଆଉ ପ୍ରାକୃତିକ୍ ବିପର୍ଯ୍ୟୟ ନୁ ହେଉଥିବା ଭିନ୍ ଭିନ୍ ପ୍ରତିବନ୍ଧକ୍‌ର ମୁକାବିଲା ଲାଗି ବିଶ୍ୱସ୍ତରୀୟ ଆନ୍ତଃରାଜ୍ୟ ସହଯୋଗ୍‌କେ ମଜ୍‌ବୁତ୍ କର୍‌ବାର୍ ଲାଗି ମୁଖ୍ୟମନ୍ତ୍ରୀ ଆହ୍ୱାନ୍ ଦେଇଛନ୍ ।

ବିପର୍ଯ୍ୟୟ ବିପଦ୍ କମ୍ କର୍‌ବାର୍‌ଟା ଗୁଟେ ସ୍ଥାୟୀ ଉନ୍ନତି, ଆର୍ଥିକ୍ ସ୍ଥିରତା ଆଉ ମାନବ୍ ସୁରକ୍ଷାର୍ ଆଧାର୍ ହେଇଛେ । ଜଲ୍‌ବାୟୁ ପରିବର୍ତନ୍, ସହରୀକରଣ୍ ଆଉ ପରିବେଶ୍ ଅବକ୍ଷୟ ଲାଗି ପୁର୍‌ଥି ନ ଦେଖାଦଉଥିବା ଆପଦ୍‌କାଲୀନ୍ ପରିସ୍ଥିତିର୍ ମୁକାବିଲା ଲାଗି ଉତମ୍ ପ୍ରସ୍ତୁତି ଆଉ ସମନ୍ୱିତ୍ କାମ୍‌ର ଆବଶ୍ୟକତା ରହିଛେ । ପୁରୀ ନ ଆୟୋଜିତ୍ ଇ ସମ୍ମିଳନୀ ବିଶ୍ୱ ବିପର୍ଯ୍ୟୟ ପରିଚାଳନା ନୀତି ଆଉ ଢାଂଚାକେ ନୂଆଁ ଦିଗ୍ ଦେଖାବା ବଲି ମୁଖ୍ୟମନ୍ତ୍ରୀ ଆଶ୍ କରିଛନ୍ ।

ରାଜ୍ୟସଭା ନିର୍ବାଚନ୍     ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶାର୍ ଗୁଟେ ରାଜ୍ୟସଭା ଆସନ୍ ଉପନିର୍ବାଚନ୍ ଲାଗି ଭାରତୀୟ ଜନତା ପାର୍ଟି- ବିଜେପି ତର୍‌ଫୁ ଦେବାଶିଷ୍ ସାମନ୍ତରାୟଙ୍କୁ

ପ୍ରାର୍ଥୀ କରାଯାଇଛେ । ଇ ବାବ୍‌ଦେ ଆଏଜ୍ ବିଜେପି କେନ୍ଦ୍ରୀୟ କାର୍ଯ୍ୟାଲୟ ତର୍‌ଫୁ ବିଜ୍ଞପ୍ତି ବାହାରିଛେ । ଓଡ଼ିଶା ସହେତେ ଅରୁଣାଚଲ୍ ପ୍ରଦେଶ୍, ଗୁଜୁରାଟ୍, ମଧ୍ୟପ୍ରଦେଶ୍, ମଣିପୁର୍, ରାଜସ୍ଥାନ୍‌ର ୧୦ ଟା ରାଜ୍ୟସଭା ଆସନ୍ ଲାଗି ବିଜେପି ତର୍‌ଫୁ ପ୍ରାର୍ଥୀମାନ୍‌କର୍ ନାଁ ଘୋଷ୍‌ନା କରାଯାଇଛେ । ଆଏବା ୮ ତାରିଖ୍‌କେ ପ୍ରାର୍ଥୀପତ୍ର ଦାଖଲ୍‌ର ଶେଷ୍ ଦିନ୍ ଧାରିଜ୍ କରାଯାଇଛେ । ୯ ତାରିଖ୍ ପ୍ରାର୍ଥୀପତ୍ର ଯାଂଚ୍ କରାଯିବା । ୧୧ ତାରିଖ୍ ଉପର୍‌ବେଲା ୩ ବଜେତକ୍ ପ୍ରାର୍ଥୀପତ୍ର ପ୍ରତ୍ୟାହାର୍ ଲାଗି ସମିଆ ଧାରିଜ୍ କରାଯାଇଛେ । ୧୮ ତାରିଖ୍ ସଖାଲର୍ ୯ ନୁ ୪ ବଜେତକ୍ ଭୋଟ୍ ହେଇକରି ଫଲାଫଲ୍ ଘୋଷ୍‌ନା କରାଯିବା । ଓଡ଼ିଶାର୍ ରାଜ୍ୟସଭା ଉପ ନିର୍ବାଚନ୍ ଲାଗି ରିଟର୍ଣ୍ଣିଂ ଅଫିସର୍ ଭାବେ ବିଧାନ୍‌ସଭା ସଚିବ ସତ୍ୟବ୍ରତ ରାଉତ୍ ଆଉ ଯୁଗ୍ମସଚିବ ବିଦ୍ୟାଧର୍ ମାଝୀଙ୍କୁ ସହାୟକ ରିଟର୍ଣ୍ଣିଂ ଅଫିସର୍ ଭାବେ ଭାରତ୍‌ର ନିର୍ବାଚନ୍ ଆୟୋଗ୍ ନିଯୁକ୍ତି ଦେଇଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ସାଂସଦ୍ ଦେବାଶିଷ୍ ସାମନ୍ତରାୟଙ୍କର୍ ଇସ୍ତଫା ଉତ୍‌ରୁ ଓଡ଼ିଶାର୍ ଗୁଟେ ଆସନ୍ ଖାଲି ପଡ଼ିଛେ ।

ବିଜେପି ସର୍କାର୍ଙ୍କୁ ଦୁଇ ବଛର୍ ପୂର୍ତି    ଆର୍ଏନ୍ୟୁ/ ସମ୍ବଲପୁର

ରାଏଜେ ବିଜେପି ସର୍କାର୍ର ଗଠନ୍ ନିଷ୍ପତିକେ ଆଏଜ୍ ଦୁଇ ବଛର୍ ପୁରା ହେଇଛେ । ଜୁନ୍ ମାସ ୧୨ ତାରିଖ୍ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଶପଥ୍ ନେଇଥିଲେ । ଇ ଅବ୍ସରେ ମୁଖ୍ୟମନ୍ତ୍ରୀ ସାମାଜିକ୍ ଗଣମାଧ୍ୟମ୍ ଜରିଏ କହିଛନ୍, ୨ ବରସ୍ ଆଘୋନୁ ଆଝିର୍ ଦିନେ ଭାରତୀୟ ଜନତା ପାର୍ଟିକେ ଗୁଟେ ଐତିହାସିକ୍ ଆଉ ସ୍ୱଷ୍ଟ ଜନମତ ଦେଇକରି ଓଡ଼ିଶାବାସୀ ପରିବର୍ତନ୍ର ସଂକଳ୍ପ ନେଇଥିଲେ । ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ନେତୃତ୍ୱଥି ସେବା, ସୁଶାସନ୍ ଆଉ ଗରିବ୍ କଲ୍ୟାଣ୍ ଆଦର୍ଶଥି ଅନୁପ୍ରାଣିତ୍ ହେଇକରି କେନ୍ଦ୍ର ଆଉ ରାଜ୍ୟ ସର୍କାର୍ ଦୁହେଁ କାମ୍ କରୁଛନ୍ । ପ୍ରଶାସନିକ୍ ସ୍ୱଚ୍ଛତା, ଉତର୍ଦାୟିତ୍ୱ ଆଉ ଜନକଲ୍ୟାଣ୍କେ ସବୁନୁ ଉପ୍ରେ ରଖିକରି ସର୍କାର୍ ଫି' ଶ୍ରେଣୀର୍ ନାଗରିକ୍ମାନ୍କର୍ ସର୍ବାଙ୍ଗୀନ ବିକାଶ୍ ଲାଗି ପୁରାପୁରି ପ୍ରତିବଦ୍ଧତାର୍ ସହେତେ କାମ୍ କରୁଛନ୍ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ବିକଶିତ୍ ଭାରତ୍ ଆଉ ସମୃଦ୍ଧ ଓଡ଼ିଶା

ଗଠନ୍ ଲକ୍ଷ୍ୟଥି ସବୁ ରାଜ୍ୟବାସୀଙ୍କୁ ସାମିଲ୍ ହେବାର୍ ଲାଗି ମୁଖ୍ୟମନ୍ତ୍ରୀ ଆହ୍ୱାନ୍ ଦେଇଛନ୍ ।

ଆଇଜିଆଇଟି ବିଶ୍ୱବିଦ୍ୟାଲୟ ମାନ୍ୟତା   ଆର୍ଏନ୍ୟୁ/ ସମ୍ବଲପୁର

ଇନ୍ଦିରାଗାନ୍ଧୀ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଆଇଜିଆଇଟି ସରାଙ୍ଗ୍କେ ଏକକ ବିଶ୍ୱବିଦ୍ୟାଳୟ ମାନ୍ୟତା ଦେବାର୍ ଲାଗି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କୁ ଚିଠି ଲେଖିକରି ଅନୁରୋଧ୍ କରିଛନ୍ । ରାଜ୍ୟ ସର୍କାର୍ଙ୍କର୍ ବଜେଟ୍ -୨୦୨୬-୨୭ ଥି ବୁର୍ଲାର୍ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ- ଭିସୁଟ୍ ଆଉ ଭୁବ୍ନେଶ୍ୱର୍ର ଓଡ଼ିଶା ବୈଷୟିକ୍ ଆଉ ଗବେଷଣା ବିଶ୍ୱବିଦ୍ୟାଳୟକେ ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟ ବନାବାର୍ ଲାଗି ନିଷ୍ପତି ନିଆଯାଇଛେ ବଲି ଶ୍ରୀ ପ୍ରଧାନ୍ ଚିଠିଥି ଉଲ୍ଲେଖ୍ କରିଛନ୍ । ଆଇଜିଆଇଟି ସରାଙ୍ଗକେ ଭିଲ୍ ସମାନ୍ ଭାବେ ଉନ୍ନତ୍ କରାଗଲେ ଇଟା ରାଜ୍ୟର୍ ଶିଳ୍ପ ଅଭିବୃଦ୍ଧି ଆଉ ଗବେଷଣା ଆଉ ଉଦ୍ଭାବନ୍ଥି ବହୁତ୍ ବଡ଼ ଯୋଗଦାନ୍ ଦେବା

ବଲି କେନ୍ଦ୍ରମନ୍ତ୍ରୀ କହିଛନ୍ । ୧୯୮୨ ମସିହାଥି ଆଇଜିଆଇଟି ସରାଙ୍ଗ ୟୁଜିସି ତର୍ଫୁ ସ୍ୱୟଂଶାସିତ୍ ଆଉ ଏଆଇସିଟିଇ ଆଉ ଏନ୍‌ବିଏ ତର୍ଫୁ ସ୍ୱୀକୃତୀ ପାଇଛେ ।

ଉପକୂଳ ସୁରକ୍ଷା ସମ୍ମିଳନୀ କଟକ୍/ ଭୁବ୍‌ନେଶ୍ୱର

ଭୁବନେଶ୍ୱର୍ ପୁଲିସ୍ ଭବନ ଠାନେ ଉପକୂଳ ସୁରକ୍ଷାକେ ବର୍କସ୍ କର୍‌ବାର୍ ଲକ୍ଷ୍ୟ ନେଇକରି ଓଡ଼ିଶା ପୁଲିସ୍ ତର୍ଫୁ ରାଜ୍ୟସ୍ତରୀୟ ଉପକୂଳ ସୁରକ୍ଷା ସମ୍ମିଳନୀ ୨୦୨୬ ଆୟୋଜିତ ହେଇଛେ । ସମ୍ମିଳନୀଥି 'ଉପକୂଳ ସୁରକ୍ଷା ବ୍ୟବସ୍ଥା: ସମସ୍ୟା ସମାଧାନ୍ ଓ ଆଗାମୀ ପଦକ୍ଷେପ୍' ଶୀର୍ଷକ୍ ଉପ୍‌ରେ ଆଲୋଚନା କରାଯାଇଛେ । କାର୍ଯ୍ୟକ୍ରମ୍‌ଥି ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ୍ ଯୋଗେଶ୍ ବାହାଦୂର୍ ଖୁରାନିଆ ଯୋଗ୍‌ଦେଇକରି କହିଛନ୍, ଉପକୂଳ ସୁରକ୍ଷା ଦେଶର୍ ଆଭ୍ୟନ୍ତରିଣ୍ ସୁରକ୍ଷା ବ୍ୟବସ୍ଥାର୍ ଗୁଟେ ଗୁରୁତ୍ୱପୂର୍ଣ୍ଣ ଅଂଶ ଆଏ । ରାଜ୍ୟର୍ ଅର୍ଥନୈତିକ୍ ବିକାଶ୍ ସାମୁଦ୍ରିକ୍ ବାଣିଜ୍ୟ ଆଉ ଜନସୁରକ୍ଷା ସହେତେ ଇଟା ଜଡ଼ିତ୍ । ଭୁବ୍‌ନେଶ୍ୱର୍ ନ ଥିବା କମାଣ୍ଡ, କଂଟ୍ରୋଲ୍ ଆଉ ଟ୍ରେନିଂ ସେଂଟର୍ ଉପକୂଳ ସୁରକ୍ଷା

କାମ୍‌କାଜ୍‌ର ତାଲ୍‌ମେଲ୍ ଆଉ ନିରୀକ୍ଷଣ୍‌ଥି ବଡ଼ ଭୂମିକା ନେଇ ଆସିଛେ । ଆଏବା ଦିନେ ଓଡ଼ିଶାର୍ ତଟ ସୁରକ୍ଷାକେ ନେଇକରି ଆହୁରି କଡ଼ାକଡ଼ି ନିୟମ୍ ଲାଗୁ କରାଯିବା । ଅନୁପ୍ରବେଶ୍‌କାରୀମାନ୍‌କୁ ରୁକ୍‌ବାର୍ ଲାଗି ତଟସୁରକ୍ଷା ବାହିନୀ ସଜାଗ୍ ଅଛନ୍ । ରାଜ୍ୟ ସର୍‌କାର୍ ତଟସୁରକ୍ଷା ଲାଗି ଦେଢ଼ଶହ କୋଟି ଟଙ୍କା ଦେଇଥିବା ଶ୍ରୀ ଖୁରାନିଆ କହିଛନ୍ ।

(ଭଏସ୍ ଓଭର୍- ଖୁରାନିଆ)

ସମ୍ମିଳନୀଥି କେନ୍ଦ୍ର ଆଉ ରାଜ୍ୟ ସର୍‌କାର୍‌ଙ୍କର୍ ଭିନ୍ ଭିନ୍ ସୁରକ୍ଷା ଆଉ ପ୍ରଶାସନିକ୍ ସଂସ୍ଥାର ବରିଷ୍ଠ ଅଧିକାରୀ ଆଉ ବିଶେଷଜ୍ଞମାନେ ଯୋଗ୍ ଦେଇଥିଲେ । ଆଏବା ୨୪ ତାରିଖ୍ ତଟସୁରକ୍ଷାକେ ନେଇକରି ଜାତୀୟସ୍ତର ନ ଗୁଟେ ସମ୍ମିଳନୀର୍ ଆୟୋଜନ୍ କରାଯିବା ।

ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ    ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ କାର୍ଯ୍ୟାଳୟ ପରିସର୍ ନ ଆଏବାକାଏଲ୍ ସଖାଲର୍ ସାଢ଼େ ୧୦ ବଜେ ପରିଚାଳନା କମିଟିର୍ ଗୁରୁତ୍ୱପୂର୍ଣ୍ଣ ବୈଠକ୍

ହେବା । ଗଜପତି ମହାରାଜ୍ ଦିବ୍ୟସିଂହ ଦେବଙ୍କର୍ ଅଧ୍ୟକ୍ଷତାଥି ହେବାର୍କେ ଥିବା ବୈଠକ୍ଥି ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକ୍, ଜିଲ୍ଲାପାଲ୍, ଆରକ୍ଷୀ ଅଧିକ୍ଷକଙ୍କର୍ ସହେତେ ବରିଷ୍ଠ ପ୍ରଶାସନିକ୍ ଅଧିକାରୀ ଆଉ ପରିଚାଲନା କମିଟିର୍ ସଦସ୍ୟମାନେ ଉପସ୍ଥିତ୍ ରହେବେ ।

ଲେଖକ ପରଲୋକ ଆର୍ଏନ୍ୟୁ/ ସମ୍ବଲପୁର

ସରସ୍ୱତୀ ସମ୍ମାନ୍ଥି ସମ୍ମାନିତ୍ ହେଇଥିବା ବିଶିଷ୍ଟ କବି କଥାକାର୍ ଆଉ ଚିତ୍ରକର ଜଗନ୍ନାଥ୍ ପ୍ରସାଦ୍ ଦାସ୍ଙ୍କର୍ ଆଏଜ୍ ୯୧ ବଛର୍ ବୟେସେ ପରଲୋକ୍ ହେଇଯାଇଛେ । ଝନେ ପ୍ରସିଦ୍ଧ ଆଧୁନିକ୍ ଓଡ଼ିଆ ଲେଖକ୍ ଭାବେ ସେ ଦେଶ୍ବିଦେଶ୍ ନ ସୁନାମ୍ ଅର୍ଜନ୍ କରିଥିଲେ । ଭାରତୀୟ ପ୍ରଶାସନିକ୍ ସେବାନୁ ସ୍ୱେଚ୍ଛାକୃତ ଅବସର ନେଇକରି ଶ୍ରୀ ଦାସ ସାହିତ୍ୟ ସାଧନା ଜାରି ରଖିଥିଲେ । ତାଙ୍କର୍ କାଳଜୟୀ ରଚନା ଭିତ୍ରେ 'ପରିକ୍ରମା', 'ପ୍ରଥମ ପୁରୁଷ', 'ଦେଶ୍, କାଳ, ପାତ୍ର, ସୂର୍ଯ୍ୟାସ୍ତ ପରର ପୁସ୍ତକ' ବେଶ୍ ଲୋକପ୍ରିୟ ଆଏ ।

କବାଡ଼ି କପ୍          ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ଜିଲ୍ଲା ନ ଖେଲ୍‌ର୍ ବିକାଶ୍ ଆଉ କବାଡ଼ି ଖେଲ୍‌କେ ଲୋକପ୍ରିୟ କର୍‌ବାର୍ ଲାଗି ଆଏଜ୍‌ଠାନୁ ସମ୍ବଲ୍‌ପୁର୍ କବାଡ଼ି କପ୍ ମୁଲ୍ ହେଉଛେ । ଆଉ କିଛି ସମିଆ ଉତ୍‌ରୁ ମୁଲ୍ ହେବାର୍‌କେ ଥିବା ଇ ସର୍ବଭାରତୀୟ ପ୍ରତିଯୋଗିତାଥି ଦେଶର୍ ବଛାବଛା ୧୦ ଟା ଦଲ୍ ଭାଗ୍ ନେଇଛନ୍ । ଆଏବା ୬ ତାରିଖ୍ ଦିନ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଇଥି ସାମିଲ୍ ହେବାର୍ ଲାଗି ସମ୍ବଲ୍‌ପୁର୍ ଆସ୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ ବଲି ଆୟୋଜକ କମିଟି ତର୍‌ଫୁ କୁହାଯାଇଛେ । ଫିଁ' ଦିନ ଉପର୍‌ବେଲା ୫ ବଜେନୁ ଡେରିରାତିତକ୍ ମେଚ୍ ଚାଲ୍‌ବା ।

ସ୍ଥାନୀୟ ଖେଳାଳିମାନେ ଜାତୀୟ ଦଲ୍ ଆଉ ପ୍ରୋ-କବାଡ଼ିଥି ଠାନ୍ ପାଏବାର୍ ଲାଗି ଇଟା ଗୁଟେ ଭଲ୍ ସୁଯୋଗ୍ ଆଏ ବଲି ଆୟୋଜକଙ୍କର୍ ତର୍‌ଫୁ କୁହାଯାଇଛେ ।

ନୂଆପଡ଼ା- ଧାନ୍ ଘିନା          ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ନ ଜିଲ୍ଲା ପ୍ରଶାସନ୍‌ର ଦେଖ୍‌ରେଖ୍‌ଥି ସ୍ୱଚ୍ଛ ଆଉ ଶୃଙ୍ଖଳିତ୍ ଭାବେ ଚଲ୍‌ତି ବଛର୍ ଡାଲୁଆ ଧାନ୍ ଘିନା ଜାରି ରହିଛେ । ଗଲାକାଏଲ୍‌ତକ୍ ଜିଲ୍ଲାର୍ ୨୨ ଟା ଧାନ୍ ଘିନା କେନ୍ଦ୍ର କାର୍ଯ୍ୟକ୍ଷମ୍ ରହିଛେ ଆଉ ୨ ଶହ ୩୮ ଝନ୍ ଚାଷୀଙ୍କର୍‌ନୁ ୧୨ ହଜାର୍ ୩ ଶହ ୯୮ କ୍ୱିଂଟାଲ୍‌ନୁ ଅଏତ୍‌କା ଧାନ୍ ଘିନା ଯାଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଆଏଜ୍ କେରଳମ୍ ପୁହୁଁଚିଛେ । ଭାରତୀୟ ପାଣିପାଗ୍ ବିଭାଗ୍ ସୂଚ୍‌ନା ଅନ୍‌ସାରେ ଦକ୍ଷିଣ ପଶ୍ଚିମ ମୌସୁମୀବାୟୁ ଆଗ୍‌କେ ବଢ଼୍‌ବାର୍ ଲାଗି ପାଗ୍ ଅନୁକୂଳ ରହିଛେ । ଆଘର୍ ବଛର୍‌ନୁ ଇ ବଛର୍ ମୌସୁମୀ ବାୟୁ ୩ ଦିନ୍ ଡେରିଥି କେରଳମ୍ ପୁହୁଁଚିଛେ । ସେଆଡ଼େ ରାଏଜେ କାଲ୍‌ବୈଶାଖୀର୍ ବଲେ ବର୍ଷାର୍ ପ୍ରଭାବ୍‌ଥି ତାପମାତ୍ରା କମିଛେ ।

ହେଲେଭିଲ୍ ରାଏଜେ ଭିନ୍ ଭିନ୍ ଜାଗା ନ ଗରମ୍ ଆଉ ଗୁଲ୍‌ଗୁଲି ପାଗ୍ ଲାଗି ରହିଛେ ।

ଆଏବା ୨୪ ଘଂଟା ଭିତ୍‌ରେ ବିଜ୍‌ଲି ଆର୍ ଘଡ଼୍‌ଘଡ଼ି ସହେତେ ବର୍ଷା ହେବା ବଲି ପାଖାପାଖି ସବୁ ଜିଲ୍ଲାକେ ପାଣିପାଗ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।